କିଏ ହେବେ କନ୍ଧମାଳର ବିଜେଡି ପ୍ରାର୍ଥୀ ?

ବାଲିଗୁଡ଼ା(ସମାଲୋଚନା ବ୍ୟୁରୋ): କନ୍ଧମାଳ ଜିଲ୍ଲାର ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଫୁଲବାଣୀ, ଜି.ଉଦୟଗିରି ଏବଂ ବାଲିଗୁଡ଼ା ମଧ୍ୟରୁ ଫୁଲବାଣୀ ବିଧାନସଭା ଆସନ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ। ରାଜନୈତିକ ଦୃଷ୍ଟିକାଣରୁ ବାଲିଗୁଡ଼ା ଓ ଜି.ଉଦୟଗିରି ଅପେକ୍ଷା ଫୁଲବାଣୀ କମ୍ ସମ୍ବେଦନଶୀଳ। ମାତ୍ର ଜିଲ୍ଲାର ସଦର ନିର୍ବାଚନ ମଣ୍ଡଳୀ ହିସାବରେ ଫୁଲବାଣୀର ସ୍ୱତନ୍ତ୍ର ପରିଚୟ ରହିଛି। ୨୦୦୮ ପରେ କନ୍ଧମାଳ ଜିଲ୍ଲାର ୩ଟି ନିର୍ବାଚନମଣ୍ଡଳୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି । ସବୁ ସ୍ଥାନରେ କଂଗ୍ରେସ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥାଏ। ୨୦୦୯ ରୁ ୨୦୧୯ ମଧ୍ୟରେ ହୋଇଥିବା ୩ଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ ବଦଳାଇଛି। କାହାରିକୁ ଦ୍ୱିତୀୟ ସୁଯୋଗ ଦଳ ଦେଇନି। ବର୍ତ୍ତମାନର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଏବଂ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ପାଇଁ ୨୦୨୪ ପାଇଁ ଟିକେଟ ଚିନ୍ତା ଘାରିଛି । ଆଗାମୀ ଦିନରେ ୩ଟି ନିର୍ବାଚନ ମଣ୍ଡଳୀରେ ଏହି ପ୍ରାର୍ଥୀମାନେ ରହିବେ ନା ଦଳ ଅନ୍ୟ କାହାକୁ ସୁଯୋଗ ଦେବ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି । ଗତ କିଛିମାସ ହେଲା ଜିଲ୍ଲାର ୩ ବିଧାୟକ ବିଭିନ୍ନ ସ୍ତରରେ ନିଜ ପାଇଁ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଏବେଠାରୁ ସମସ୍ତେ ଗାଁ ମୁହାଁ ହେଲେଣି। ଜିଲ୍ଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ପ୍ରତି ବିଧାନସଭା ନିର୍ବାଚନରେ ବିଜେଡିର ପ୍ରାର୍ଥୀ ବଦଳୁଥିବାରୁ ବିଧାୟକମାନେ ଚାପରେ ରହିଥିବା ଆଲୋଚନା ହେଉଛି। ଦଳୀୟ ଟିକେଟ ପାଇବା ପାଇଁ ବିଭିନ୍ନ ସ୍ତରରେ ଲବି କରିବା ଆରମ୍ଭ କରିଦେଇଥିବା ସୂଚନା ମିଳିଛି। ଫୁଲବାଣୀ ପୌର ପରିଷଦ, ଫିରିଙ୍ଗିଆ, ଖଜୁରିପଡ଼ା ଓ ଚକାପାଦ ବ୍ଲକକୁ ନେଇ ଗଠିତ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ପୂର୍ବରୁ

କଂଗ୍ରେସର ଗଡ଼ ଭାବେ ପରିଚିତ ଥିଲା। ୨୦୦୦ରୁ ଏହି ଆସନ ବିଜେଡି ନିଜ ଦଖଲକୁ ନେଇଛି। ଗତ ୩ଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ବିଜେପି କ୍ରମାଗତ ଭାବେ ନିଜର ଶକ୍ତି ବୃଦ୍ଧି କରିବା ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ବିଜେଡିର ଟାଣୁଆ ନେତା ପଦ୍ମନାଭ ବେହେରା କନ୍ଧମାଳ ଜିଲ୍ଲା ରାଜନୀତିରୁ ଏକ ପ୍ରକାର ଦୂରେଇ ବୀରମହାରାଜପୁର

ବିଧାୟକ ହେବା ପରେ ଏଠାରେ ନିର୍ବାଚନ ସମୀକରଣ ବଦଳି ଯାଇଛି। ଗତ ୩ଟି ନିର୍ବାଚନରେ ଫୁଲବାଣୀରୁ ବିଜେଡି ପ୍ରାର୍ଥୀମାନେ କ୍ରମାଗତ ବିଜୟୀ ହେଉଛନ୍ତି। ୨୦୦୯ରେ ବିଜେଡିରୁ ଦେବେନ୍ଦ୍ର କହଁର ବିଜୟୀ ହୋଇଥିବା ବେଳେ ୨୦୧୪ରେ ଦୁଗୁନି କହଁର ଏବଂ ୨୦୧୯ରେ ଅଙ୍ଗଦ କହଁର ବିଜୟୀ ହୋଇଛନ୍ତି। ୨୦୨୪ରେ ବର୍ତ୍ତମାନର ବିଧାୟକ ଅଙ୍ଗଦ କହଁରଙ୍କୁ ଦଳ ପୁନର୍ବାର ସୁଯୋଗ ଦେବ ନା ନୂତନ ପ୍ରାର୍ଥୀ ଦେବ ତାହାକୁ ନେଇ ଆଲୋଚନା ଜାରି ରହିଛି। ବିଜେଡି ପକ୍ଷରୁ ଫିରିଙ୍ଗିଆ ବ୍ଲକର ପ୍ରାର୍ଥୀଙ୍କୁ ଦଳୀୟ ପ୍ରାର୍ଥୀଭାବେ ସୁଯୋଗ ଦିଆଯାଉଥିବାରୁ ଆଗାମୀ ନିର୍ବାଚନରେ ଏହା ଜାରି ରହିବ ନା ଆଉ କୌଣସି ବ୍ଲକର ପ୍ରାର୍ଥୀ ସୁଯୋଗ ପାଇବେ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଫିରିଙ୍ଗିଆ ବ୍ଲକ ପୁରୁଖା ନେତା ପଦ୍ମନାଭଙ୍କ ନିଜସ୍ୱ ଅଞ୍ଚଳ ହୋଇଥିବା ବେଳେ ଏବେ ମଧ୍ୟ ପଦ୍ମନାଭଙ୍କ ରାଜନୈତିକ ପ୍ରଭାବ ରହିଥିବାରୁ ଆଗାମୀ ପ୍ରାର୍ଥୀ ମଧ୍ୟ ଫିରିଙ୍ଗିଆ ବ୍ଲକରୁ ହେବା କିଛି ଅସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି।

୨୦୦୯ ନିର୍ବାଚନରେ ଦେବେନ୍ଦ୍ର କହଁରଙ୍କୁ ଦଳ ସୁଯୋଗ ଦେଇଥିବା ବେଳେ ସେ ଫିରିଙ୍ଗିଆ ବ୍ଲକର ନଥିଲେ। କ.ନୂଆଗାଁ, ବାଲିଗୁଡା, ତୁମୁଡ଼ିବନ୍ଧ, କୋଟଗଡ଼ ବ୍ଲକ ଏବଂ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳକୁ ନେଇ ବାଲିଗୁଡା ନିର୍ବାଚନ ମଣ୍ଡଳୀ ଗଠନ ହେବା ପରେ ୨୦୦୯ରେ ବିଜେଡି ଦିନେଶ ସିଂ ପ୍ରଧାନଙ୍କୁ ସୁଯୋଗ ଦେଇଥିଲା। ମଧ୍ୟ ଦଳକୁ ପରାଜୟର ସ୍ୱାଦ ଚାଖିବାକୁ ପଡିଥିଲା। ୨୦୧୪ରେ ବିଜେଡିର ରାଜୀବ ପାତ୍ରଙ୍କୁ ପ୍ରାର୍ଥୀ କରିଥିଲା। ସେ ଖୁବ୍ କମ୍ ଭୋଟରେ ବିଜୟୀ ଥିଲେ। ୨୦୧୯ରେ ଦଳ ଚକ୍ରମଣି କହଁରଙ୍କୁ ସୁଯୋଗ ଦେଇ ସଫଳତା ହାସଲ କରିଛି। ଚକ୍ରମଣି ଏବେ ବିଧାୟକ ଅଛନ୍ତି। ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଗତ ୩ଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିଥିବାରୁ ଏବେ ଅନେକ ଆଶାୟୀ ବାହାରିଛନ୍ତି। ଚକ୍ରମଣି ମଧ୍ୟ ପୁଣିଥରେ ଟିକେଟ ପାଇବା ଆଶାରେ ଲବି ଆରମ୍ଭ କରିଛନ୍ତି ବୋଲି ଆଲୋଚନା ହେଉଛି। ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କୁ ଜିଲ୍ଲା ଯୋଜନା ବାର୍ଡ଼ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ତଥାପି ସେ ୨୦୨୪ରେ ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକମାନେ କହିବୁଲୁଛନ୍ତି। ଦଳ ପୁଣିଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିବ ନା ନୂତନ ପ୍ରାର୍ଥୀ ଦେବ ତାହାକୁ ନେଇ ସଂଶୟ ଲାଗିରହିଛି। ଅନ୍ୟପଟେ ନିର୍ବାଚନ ଯେତେ ପାଖେଇ ଆସୁଛି। ବାଲିଗୁଡ଼ା ବିଜେଡିରେ ଆଶାୟୀଙ୍କ ତାଲିକା ବଢ଼ିବାରେ ଲାଗିଛି।

ସେହିଭଳି ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେଡି ଅନ୍ୟ ଦୁଇ ନିର୍ବାଚନ ମଣ୍ଡଳୀ ପରି ଗତ ୩ଟି ନିର୍ବାଚନରେ ନୂତନ ପ୍ରାର୍ଥୀ ଦେବା ନୀତି ଲାଗୁ କରିଥିଲା। ଏହି କାରଣରୁ ବର୍ତ୍ତମାନର ବିଧାୟକ ସାଲୁଗା ପ୍ରଧାନଙ୍କ ଚିନ୍ତା ବଢିଯାଇଛି। ୨୦୦୯ରେ ବିଜେଡି ଲୁକା ସୁନାମାଝୀଙ୍କୁ ପ୍ରାର୍ଥୀ କରିଥିଲା। ସେଠାରେ ଆଶାୟୀ ଥିଲେ ବର୍ତ୍ତମାନର ବିଧାୟକ ସାଲୁଗା ପ୍ରଧାନ। ତାଙ୍କୁ ଦଳ ଟିକେଟ ଦେଇନଥିଲା। ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢି ୧୦ ହଜାର ୭୧୫ ଭୋଟ ପାଇଥିଲେ। ଦଳୀୟ ପ୍ରାର୍ଥୀ ଲୁକ ସୁନାମାଝୀ ମାତ୍ର ୧୫ ହଜାର ୮୧୮ ଭୋଟ ପାଇ ପରାସ୍ତ ହୋଇଥିଲେ। ସେହି ସମୟରେ ବିଜେପିର ମନୋଜ ପ୍ରଧାନ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି ପ୍ରଦୀପ ପ୍ରଧାନଙ୍କୁ ପ୍ରାର୍ଥୀ କରିଥିଲେ ମଧ୍ୟ ସେ ୩୯ ହଜାର ୬୬୯ଟି ଭୋଟ ପାଇ ପରାସ୍ତ ହୋଇଥିଲେ। ୨୦୧୪ରେ ଜି.ଉଦୟଗିରି ଆସନ କଂଗ୍ରେସ ହାତକୁ ଚାଲିଯାଇଥିଲା। ଜାବକ ପ୍ରଧାନ ବିଜୟୀ ହୋଇଥିଲେ। କିନ୍ତୁ ୨୦୧୯ରେ ବିଜେଡି ପୁଣିଥରେ ସାଲୁଗା ପ୍ରଧାନଙ୍କୁ ଦଳୀୟ ପ୍ରାର୍ଥୀ କରିଥିଲା। ସାଲୁଗା ୫୩ ହଜାର ୨୩୮ ଭୋଟ ପାଇ ବିଜୟୀ ହୋଇଥିଲେ। ତେଣୁ ବିଧାୟକ ସାଲୁଗା ପୁଣି ଥରେ ବିଜେଡି ଟିକେଟରେ ଜିତି ବିଧାୟକ ହେବେ ବୋଲି ଅଶାବାନ୍ଧିଥିବା ଶୁଣିବାକୁ ମିଳୁଛି। ଫୁଲବାଣୀ, ଜି.ଉଦୟଗିରି ଓ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡି ପୁଣି ସେମାନଙ୍କୁ ଦଳୀୟ ଟିକେଟ ଦେବ ନା ପ୍ରାର୍ଥୀ ବଦଳାଇବ ସମୟ ହିଁ କହିବ।

ଡାବୁଗାଁ: ବିଜେପି-ବିଜେଡିରେ ବଢୁଛି ଆଶାୟୀ ତାଲିକା

ଡାବୁଗାଁ(ସାଇକ୍ରିଷ୍ଣା): ୨୦୨୪ ରେ ହେବାକୁଥିବା ବିଧାନସଭା ନିର୍ବାଚନରେ ଡାବୁଗାଁ ନିର୍ବାଚନ ମଣ୍ଡଳରୁ କିଏ କେଉଁ ଦଳରୁ ବିଧାୟକ ପାର୍ଥି ହେବେ ତାକୁ ନେଇ ରାଜନୈତିକ ମହଲରେ କଳ୍ପନା ଜଳ୍ପନା ଆରମ୍ଭ ହାଇଗଲାଣି। ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାପଡାହାଣ୍ଡି ବ୍ଲକ,ଡାବୁଗାଁ ଓ କାଷାଗୁମୁଡ଼ା ବ୍ଲକ ଦଶ ପଞ୍ଚାୟତ କୁ ନେଇ ଗଠିତ ହାଇଛି । ଉମରକାଟ ନିର୍ବାଚନ ମଣ୍ଡଳୀ ରେ ମାଟ ୧ ଲକ୍ଷ ୯୮ ହଜାର ୬୬୬ ଜଣ ଭାଟର ଅଛନ୍ତି ।ଅନ୍ୟପକ୍ଷରେ ଡାବୁଗାଁ ନିର୍ବାଚନ ମଣ୍ଡଳୀ ର ମୁଖ୍ୟ ମୁଦା ଗୁଡିକ ହେଉଛି ଜଳ ସେଚନ, ପାନୀୟ ଜଳର ସୁବିଧା, ପାପାଡାହାଣ୍ଡି ବ୍ଲକ ର କିଛି ଅପହଞ୍ଚ ଅଞ୍ଚଳ କୁ ରାସ୍ତା ର ସୁବିଧା , ବେକାରୀ ସମସ୍ୟା ସମାଧାନ ପାଇଁ ଦାବି ରହିଛି । ଡାବୁଗାଁ ନିର୍ବାଚନ ମଣ୍ଡଳୀ ପୂର୍ବରୁ କଂଗ୍ରେସ ର ଗଡ଼ ଭାବରେ ପରିଚିତ ଥିଲା କିନ୍ତୁ ୨୦୧୯ ନିର୍ବାଚନ ରେ କଂଗ୍ରେସ କୁ ଛଡେଇ ବିଜେଡି ର ମନାହର ରନ୍ଧାରୀ ବିଜୟ ହାଇଥିଲେ ।ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ପକ୍ଷରୁ ପୁଣିଥରେ ରନ୍ଧାରୀ ଙ୍କୁ ପାର୍ଥି କରିବାର ସମ୍ଭାବନା ରହିଛି ଅନ୍ୟ ଦଳ ଗୁଡିକ ଏକାଧିକ ଆଶାୟୀ ରହିଛନ୍ତି। ନିର୍ବାଚନ ଫଳାଫଳ କୁ ଦେଖିଲେ ୨୦୦୯ ମସିହା ରେ ୪୪୭୨୩ ଭାଟ ପାଇଁ କଂଗ୍ରେସ ରୁ ଭୁଜବଳ ମାଝି ବିଜୟ ହାଇଥିଲେ ପରେ ୨୦୧୪ ସାଧାରଣ ନିର୍ବାଚନ ରେ ପୁଣି କଂଗ୍ରେସର ଭୁଜବଳ ମାଝୀ ୬୨୯୫୭ ଖଣ୍ଡ ଭାଟ ପାଇ ବିଜୟ ହେଲେ ,ବିଜେପି ପକ୍ଷରୁ ମାହନ ମାଝୀ ୨୨୫୪୩ ଖଣ୍ଡ ଭାଟ ଓ ବିଜେଡି ପାର୍ଥି ମାତିରାମ ନାୟକ ୩୭୩୪୯ ଭାଟ ପାଇଥିଲେ କିନ୍ତୁ ୨୦୧୯ ନିର୍ବାଚନରେ ବିଜେଡି ପାର୍ଥି ମନାହର ରନ୍ଧାରୀ ଙ୍କ ରଣନୀତି ଯାଗୁଁ କଂଗ୍ରେସ ର ଗଡ଼ ଭାଙ୍ଗିଥିଲା ମନାହର ରନ୍ଧାରୀ ୭୩୨୬୪ ଖଣ୍ଡ ୪୩.୪୩ଧ ଭାଟହାର ପାଇଥିଲେ, କଂଗ୍ରେସ ପାର୍ଥି ଡାବୁଗାଁ ର ତିନି ଥର ର ବିଧାୟକ ଭୁଜବଳ ମାଝି ୬୫୯୦୧ ଖଣ୍ଡ ୩୯.୯୭ଧ ଭାଟ ହାର ବିଜେପି ପାର୍ଥି ପଦ ମନ ନାୟକ ୯.୯୪ ଧ ହାରରେ ମାତ୍ର ୧୬୩୯୪ ଖଣ୍ଡ ଭାଟ ପାଇଥିଲେ ଭୁଜବଳ ଠାରୁ ମନାହର ୭୩୭୪ ଖଣ୍ଡ ଅଧିକ ଭାଟ ପାଇ ବିଜୟୀ ହାଇ ଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ପାଞ୍ଚ ଟି ଜିଲ୍ଲା ପରିଷଦ ଜାନ ରୁ ବିଜେଡି ଚାରାଟି ଓ କଂଗ୍ରେସ ର ନୂଆ ମୁହଁ ଡାଃ ଲିପିକା ମାଝୀ ଗାଟିଏ ରେ ବିଜୟୀ ହାଇଥିଲେ। ବର୍ତ୍ତମାନ ଲିପିକା କଂଗ୍ରେସ ବିଧାୟକ ଆଶାୟୀ ତାଲିକାରେ ଅଛନ୍ତି। ୨୦୨୪ ବିଧାନସଭା ନିର୍ବାଚନରେ ମନାହର ରନ୍ଧାରୀ ବିଧାୟକ ପାର୍ଥି ହେବା ନେଇ ପାଖାପାଖି ଚୁଡାନ୍ତ ହାଇ ଯାଇଛି ସେ ଏବେ ଦଳୀୟ କାର୍ଯ୍ୟକ୍ରମ ରେ ନିଜକୁ ସକ୍ରିୟ ରଖୁଥିବା ଦେଖିବାକୁ ମିଳୁଛି। ଇହକୁ ଦଳ ତରଫରୁ ତ୍ରିନାଥ ଅମକ୍ଷନତ୍ୟ ଟିକଟ ହତେଇବା ପାଇ ଭାଟରଙ୍କ ପାଖରେ ଦେଖିବାକୁ ମିଳୁଛି କ୍ଷ ଡାବୁଗାଁ ନିର୍ବାଚନ ମଣ୍ଡଳୀ ର ୨୦୦୪ ଠାରୁ ନୂତନ ସୀମା ନିର୍ଦ୍ଧାରଣ ହେବା ପରେ ମୁଖ୍ୟତଃ କଂଗ୍ରେସ ର ଗଡ଼ ହାଇ ରହିଥିଲା ୨୦୧୯ ରେ ବିଜେଡି ବାଜିମାତ୍ କରିଛି ଏହି ନିର୍ବାଚନ ମଣ୍ଡଳୀ ରେ ବିଜେପି ର ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ଙ୍କ ଘର ହେଲେ ମଧ୍ୟ ବିଜେପି ର ଭଲ ପ୍ରଦର୍ଶନ ଏହିଠାରେ କେବେ ନାହିଁ ଆଜି ପର୍ଯ୍ୟନ୍ତ କୌଣସି ନିର୍ବାଚନ ରେ ଭାଟ ହାର ଶତକଡା ଦଶ ଛୁଇଁ ନାହିଁ କିନ୍ତୁ ଚଳିତ ବର୍ଷ ବିଜେପି ବୁଥ ସ୍ତରରୁ କମିଟି ଗଠନ କରି ନିଜ ସ୍ଥିତି ରେ ସୁଧାର ଆଣିଛି ଏଣୁ ଆଶାୟୀ ତାଲିକା ମଧ୍ୟ ଲମ୍ବା ରହିଛି । କଂଗ୍ରେସ ର ଭୁଜବଳ ମାଝି ନବରଙ୍ଗପୁର ସଂସାଦ ଭାବେ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ହେଉଥିବା ଯାଗୁଁ ନିଜ ଡାକ୍ତର ଝିଅ ଲିପିକା ପାଇଁ ଲବି କରୁଛନ୍ତି ଏଥି ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି ଅନ୍ୟ ପକ୍ଷରେ ସ୍ ?ାଧୀନତା ସଂଗ୍ରାମୀ ଦାୟାଦ କୁଶାଆ ମାଝୀ ଟିକେଟ ଦୌଡରେ ଅଛନ୍ତି । ବିଜେଡି ର ସ୍ଥିତି ଅନ୍ୟ ଦଳ ତୁଳନାରେ ମଜବୁତ ରହିଛି ସତ ହେଲେ ଆଶାୟୀ ମଧ୍ୟ ନାହାନ୍ତି କିନ୍ତୁ ବର୍ତ୍ତମାନ ବିଧାୟକ ପିଲା ଜନ୍ମ ଠୁ ଆରମ୍ଭ କରି ଦସା କାର୍ଯ୍ୟ ଓ ବିଭିନ୍ନ ସମାଜିକ କାର୍ଯ୍ୟ ରେ ଯାଗଦେବା ସହ ବର୍ଷ ସାରା ଜରି(କ୍ଵବସଭ ମକ୍ଟଶ୍ଵର),ଶାଢି ଓ ଗାମୁଛା ବାଣ୍ଟି ନିଜ ଲାକପ୍ରିୟତା ବଢାଇବା ସହ ଫେରିବାଲା ଆଖ୍ୟା ପାଇଛନ୍ତି,ତଥାପି ମନାହର ରନ୍ଧାରୀ ଙ୍କୁ ନେଇ କର୍ମୀ ମହଲରେ ଅସନ୍ତାଷ ଥିବା ନଜର କୁ ଆସୁଛି ଏଣୁ ଆଗାମୀ ୨୦୨୪ ନିର୍ବାଚନ ଡାବୁଗାଁ ନିର୍ବାଚନ ମଣ୍ଡଳୀ ରେ ରାଚକ ହେବ ଏହା ବର୍ତ୍ତମାନ୍ ଠାରୁ ବାରି ହେଉଛି। ଭାଟର କିନ୍ତୁ ଭିନ୍ନ ମୁଡ୍ ରେ ଅଛନ୍ତି ଜଳସେଚନ, ପାନୀୟଜଳ, ବେକାରୀ ସମସ୍ୟା ଭଳି ସମସ୍ୟା କୁ ନେଇ ବିଧାନ ସଭା ରେ ଉପସ୍ଥାପନ କରିବା ପରି ଶିକ୍ଷିତ ପାର୍ଥି ଙ୍କୁ ନିର୍ବାଚିତ କରି ପଠାଇ ବାକୁ ଚାହୁଁଛନ୍ତି।

ଫୁଲବାଣୀ: ଦ୍ୱିତୀୟ ସୁଯୋଗ ପାଇବେ କିଏ ?

ଫୁଲବାଣୀ(ସମାଲୋଚନା ବ୍ୟୁରୋ): କନ୍ଧମାଳ ଜିଲ୍ଲାର ତିନୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଫୁଲବାଣୀ ବିଧାନସଭା କ୍ଷେତ୍ର ଯଥେଷ୍ଟ ଗୁରୁତ୍ୱ ବହନ କରେ। ବାଲିଗୁଡା ଓ ଜି ଉଦୟଗିରି ଅପେକ୍ଷା କମ ସମ୍ବେଦନଶୀଳ ଫୁଲବାଣୀ ସଦର ନିର୍ବାଚନ ମଣ୍ଡଳୀ। ଆଦିବାସୀଙ୍କ ପାଇଁ ସଂରକ୍ଷିତ ଏହି ଆସନ ଫୁଲବାଣୀ ପୌରପାଳିକା ସମେତ ଫୁଲବାଣୀ, ଫିରିଙ୍ଗିଆ, ଖଜୁରୀପଡା ଓ ଚକାପାଦ ବ୍ଲକକୁ ନେଇ ଗଠିତ। ୨୦୧୯ ସାଧାରଣ ନିର୍ବାଚନରେ ଏଠାରେ ସମୂଦାୟ ୧ଲକ୍ଷ ୮୮ ହଜାର ୫୮୮ ଭୋଟର ଥିଲେ।

ପୂର୍ବରୁ କଂଗ୍ରେସର ଗଡ଼ ଭାବେ ପରିଚିତ ଫୁଲବାଣୀ ବିଧାନସଭା କ୍ଷେତ୍ର ୨୦୦୦ ମସିହାରୁ ବିଜେଡି କବଜାରେ ରହିଛି। ଅପରପକ୍ଷରେ ଗତ ତିନୋଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ବିଜେପି କ୍ରମାଗତ ଭାବେ ନିଜର ଶକ୍ତି ବୃଦ୍ଧି କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ଟାଣୁଆ ନେତା ପଦ୍ମନାଭ ବେହେରା ଜିଲ୍ଲା ରାଜନୀତିରୁ ଦୂରେଇ ବୀରମହାରାଜପୁର ବିଧାୟକ ହେବା ପରେ ଏଠାରେ ନିର୍ବାଚନୀ ସମୀକରଣ ବଦଳି ଯାଇଛି। ବିଜେଡି ପ୍ରାର୍ଥୀମାନେ କ୍ରମାଗତ ଭାବେ ବିଜୟୀ ହାଇଥିଲେ ମଧ୍ୟ କାହାକୁ ଦ୍ୱିତୀୟ ଥର ପାଇଁ ସୁଯୋଗ ମିଳିନାହିଁ। ୨୦୦୯ରେ ଡୁଗୁନି କହଁର, ୨୦୧୪ରେ ଦେବେନ୍ଦ୍ର କହଁର ଓ ୨୦୧୯ରେ ଅଙ୍ଗଦ କହଁର ବିଜେଡିରୁ ବିଜୟ ଲାଭ କରିଛନ୍ତି। ବର୍ତ୍ତମାନର ବିଧାୟକ ଅଙ୍ଗଦଙ୍କୁ ବିଜେଡି ପୁନର୍ବାର ସୁଯୋଗ ଦେବ, ସେଭଳି ସମ୍ଭାବନା କମ୍ ବୋଲି ଚର୍ଚ୍ଚା ହେଉଛି। ତେବେ ଅଙ୍ଗଦଙ୍କ ବଦଳରେ କିଏ, ତାହାର ଉତ୍ତର କାହା ପାଖରେ ନାହିଁ।

ବିଧାୟକ ଅଙ୍ଗଦ ଜଣେ ସରଳ ଓ ମେଳାପୀ ନେତା ସତ କିନ୍ତୁ ରାଜନୈତିକ ଦୃଷ୍ଟିକାଣରୁ ସେତେ ପ୍ରଭାବଶାଳୀ ମନେ ହୁଅନ୍ତି ନାହିଁ। ନେତା ହିସାବରେ ତାଙ୍କ ପ୍ରଭାବ ଫିରିଙ୍ଗିଆ ଅଞ୍ଚଳରେ ସୀମିତ ଥିବା ଆଲୋଚନା ହେଉଛି। ତାଙ୍କ କାର୍ଯ୍ୟକାଳରେ ନିର୍ବାଚନ ମଣ୍ଡଳୀରେ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇଥିବାର ନଜିର ନାହିଁ।

କଂଗ୍ରେସର ସାଂଗଠନିକ ସ୍ଥିତି ପୂର୍ବଭଳି ଥିବା ବେଳେ ବିଜେପି ସ୍ଥିତିରେ କିଛିଟା ଉନ୍ନତି ହୋଇଥିଲେ ମଧ୍ୟ ଜିତିବା ସମ୍ଭାବନା ସୃଷ୍ଟି ହୋଇପାରି ନାହିଁ।

ଗତ ପଞ୍ଚାୟତ ନିର୍ବାଚନରେ ୬ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ବିଜେଡି ୪ଟିରେ ବିଜୟୀ ହାଇଥିବା ବେଳେ ବିଜେପିକୁ ଦୁଇଟି ଆସନ ମିଳିଥିଲା। ତେବେ ଚକାପାଦ ଅଞ୍ଚଳର ନେତା ଉମାଚରଣ ମଲିକ ବିଜେଡି ଛାଡି ବିଜେପରେ ସାମିଲ ହୋଇଛନ୍ତି। ଏହି ବ୍ଲକରେ ବିଜେପି ଅଧିକ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି।

ବିଜୟ ସମ୍ଭାବନା ଦୃଷ୍ଟିରୁ ଅନ୍ୟ ଦଳ ଅପେକ୍ଷା ବିଜେଡି ଆଗୁଆ ଥିବାରୁ ଆଶାୟୀଙ୍କ ସଂଖ୍ୟା କିଛି କମ ନୁହେଁ। ଏହି ତାଲିକାରେ ସାମିଲ ଅଛନ୍ତି ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଖଜୁରୀପଡା ବ୍ଲକ ଅଧ୍ୟକ୍ଷା ଅନୀମା କହଁର, ଜିଲ୍ଲା ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲିକ, ପୂର୍ବତନ ଖଜୁରୀପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ପୂର୍ବତନ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ କହଁର ପ୍ରମୁଖ। ଏହି ଆଶାୟୀମାନେ ରାଜନୀତିରେ ସକ୍ରିୟ ଥିବା ସହ ଦଳୀୟ କାର୍ଯ୍ୟକ୍ରମରେ ଆଗ ଧାଡିରେ ରହୁଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ଭୁବନେଶ୍ୱରର ଡେପୁଟି ମେୟର ତଥା କନ୍ଧମାଳର ଝିଅ ମଞ୍ଜୁଲତା କହଁରଙ୍କ ନାମ ମଧ୍ୟ ଆଲାଚନା ହେଉଛି।

ଆଗାମୀ ନିର୍ବାଚନକୁ ନଜରରେ ରଖି ବିଜେପି ବିଜୟ ସମ୍ଭାବନା ବଢାଇବା ଉଦ୍ୟମ ଜାରି ରଖିଛି। ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡୁ ନଥିଲେ ବି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଗୋଲାକ କହଁରଙ୍କ ନାଁ ଚର୍ଚ୍ଚା ହେଉଛି। ଉମାଚରଣ ମଲିକ ମଧ୍ୟ ଟିକେଟ ଲବିରେ ଥିବା କୁହାଯାଉଛି। ଗତ ତିନି ନିର୍ବାଚନରେ କ୍ରମାଗତ ପ୍ରାର୍ଥୀ ହୋଇଥିବା ଦେବନାରାୟଣ ପ୍ରଧାନଙ୍କୁ ଏଥର ଟିକେଟ ମିଳିବା ସମ୍ଭାବନା କମ ବୋଲି କୁଆଡେ ଆଲୋଚନା ହେଉଛି।

ସାଂଗଠନିକ ଦୃଷ୍ଟିରୁ ସବୁଠୁ ପଛରେ ରହିଛି କଂଗ୍ରେସ। ୧୯୮୫ରେ ଶେଷଥର ପାଇଁ କଂଗ୍ରେସର ଅଭିମନ୍ୟୁ ବେହେରା ଫୁଲବାଣୀ ବିଧାୟକ ହୋଇଥିଲେ। ତା' ପରଠ